# Akashvani, Sambalpur

## SAMBALPURI NEWS EVENING BULLETIN

## 3 February 2025- 7.02 pm- 7.12 pm.

*********************************************

୧- ଓଡ଼ିଶା ନ ରେଲ୍ କ୍ଷେତ୍ରର୍ ବିକାଶ୍ ଲାଗି ବଜେଟ୍‌ଥି ବ୍ୟୟବରାଦ୍ କରାଯାଇଛେ ୧୦ ହଜାର୍ ୫ ଶହ ୯୯ କୋଟି ଟଙ୍କା- ସୂଚ୍‌ନା ଦେଲେ ରେଲ୍‌ମନ୍ତ୍ରୀ ।

୨- ଭୁବ୍‌ନେଶ୍ୱର୍ ୟୁନିଟ୍ ୫ ର ଅଭିଯୋଗ୍ ପ୍ରକୋଷ୍ଠ ଠାନେ ହେଇଛେ ମୁଖ୍ୟମନ୍ତ୍ରୀଙ୍କର୍ ଅଭିଯୋଗ୍ ଶୁଣାଣି ।

୩- କୋଣାର୍କର୍ ଚନ୍ଦ୍ରଭାଗା ନ ମାଘ ସପ୍ତମୀ ଅବ୍‌ସରେ ବୁଡ଼୍ ପକାବାର୍ ଲାଗି ସରିଛେ ପ୍ରସ୍ତୁତି ।

ଆଉର୍

୪- ରାଏଜେ ବଢୁଛେ ତାପମାତ୍ରା ।

- ବଡ଼୍‌ଭାଗୀ ଇଲାକା ନ ଦିନର୍ ସବୁନୁ ଜହ ତାତି ୩୩ ଡିଗ୍ରୀ ଉପ୍‌ରେ ।

ରେଲ୍‌ବଜେଟ୍         ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ଓଡ଼ିଶା ନ ରେଲ୍‌କ୍ଷେତ୍ର ଲାଗି କେନ୍ଦ୍ରୀୟ ବଜେଟ୍‌ଥି ୧୦ ହଜାର୍ ୫ ଶହ ୯୯ କୋଟି ଟଙ୍କା ବ୍ୟୟବରାଦ୍ କରାଯାଇଛେ ବଲି ରେଲ୍‌ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ କହିଛନ୍ । ଆଏଜ୍ ଆଭାସୀ ଜରିଏ ଗଣମାଧ୍ୟମ୍‌କେ ସୂଚ୍‌ନା ଦେଇକରି ସେ କହିଛନ୍, ଓଡ଼ିଶା ନ ୭୮ ହଜାର୍ କୋଟି ଟଙ୍କାନୁ ଅଏତ୍‌କା ଟଙ୍କାର୍ ରେଲ୍ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛେ । ରେଲ୍‌ମନ୍ତ୍ରୀ ଶ୍ରୀ ବୈଷ୍ଣବ୍ କହିଛନ୍, ଓଡ଼ିଶା ନ ୫୯ ଷ୍ଟେସନ୍‌କେ ଅମୃତ୍ ଷ୍ଟେସନ୍ ହିସାବେ ବିକଶିତ୍ କରାଯିବା ଆଉ ଇଥିର୍‌ଲାଗି ଆଏବା ଆର୍ଥିକ୍ ବଛରେ ୨ ହଜାର୍ ୩ ଶହ ୭୯ କୋଟି ଟଙ୍କା ବ୍ୟୟବରାଦ୍ କରାଯାଇଛେ ।
(ଭଏସ୍ ଓଭର୍-୧- ଅଶ୍ୱିନୀ ବୈଷ୍ଣବ୍)

ଧର୍ମେନ୍ଦ୍ର ପ୍ରଧାନ୍         ଏକ୍ସ

କେନ୍ଦ୍ରୀୟ ବଜେଟ୍ ଗୁଟେ ଐତିହାସିକ୍, ଭବିଷ୍ୟତବାଦୀ ଆର୍ ଦୂରଦୃଷ୍ଟିସମ୍ପନ୍ନ ବଜେଟ୍ ବଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ କହିଛନ୍ । ଗଣମାଧ୍ୟମ୍‌କେ ସୂଚ୍‌ନା ଦେଇକରି ସେ କହିଛନ୍ ଯେ, ଇ ବଜେଟ୍‌ନୁ ଓଡ଼ିଶା ବାଗିର୍ ରାଜ୍ୟ ସବୁନୁ ବେଶୀ ଲାଭ୍ ପାଏବା । ସେଥିର୍‌ଲାଗି ସେ ସାଢ଼େ ୪ କୋଟି

ଓଡ଼ିଆଙ୍କର୍ ତର୍ଫୁ ପ୍ରଧାନ୍‌ମନ୍ତ୍ରୀ ଆର୍ ଅର୍ଥମନ୍ତ୍ରୀଙ୍କୁ ଧନ୍ୟବାଦ ଜନେଇଛନ୍ ।

ମୁଖ୍ୟମନ୍ତ୍ରୀ ଅଭିଯୋଗ୍ ଶୁଣାଣି ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ଭୁବ୍‌ନେଶ୍ୱର୍ ନ ଭିନ୍ ଭିନ୍ ଅଭିଯୋଗ୍‌ର ଶୁଣାଣି କରିଛନ୍ । ଶୁଣାଣି ବେଲ୍‌କେ ମୁଖ୍ୟମନ୍ତ୍ରୀ ଗଣମାଧମ୍‌କେ ସୂଚ୍‌ନା ଦେଇକରି କହିଛନ୍ ଯେ, ଆଏଜ୍ ହଜାରେଟା ଅଭିଯୋଗ୍ ପଞ୍ଜିକୃତ ହେଇଥିଲା । ୭ ଶହ ନୁ ଅଏତ୍‌କା ଅଭିଯୋଗ୍ ଶୁଣାଣି କର୍‌ବାର୍ ଲାଗି ଭିନ୍ ଭିନ୍ ବିଭାଗ୍‌କେ ପଠାଯାଇଛେ । ସେ କହିଛନ୍, ଅଭିଯୋଗ୍ କର୍‌ବାର୍‌କେ ଆସୁଥିବାର୍ ଲୁକେ ଭୁବ୍‌ନେଶ୍ୱର୍ ନାଇଁ ଆସିକରି ପହେଲା ଜିଲ୍ଲାପାଲ୍‌ଙ୍କର୍ ଠାନେ ଅଭିଯୋଗ୍ କରୁନ୍ ଆର୍ ଜିଲ୍ଲାପାଲ୍‌ଙ୍କର୍ ନ ସମସ୍ୟାର୍ ସମାଧାନ୍ କରାଯିବା ।

ଆଏଜ୍ ଇ ଶିବିରଥି ଜଟିଳ ରୋଗ୍‌ଥି ପିଡ଼ିତ ଥିବା ବୌଦ୍ଧର୍ ଟୁକେଲ୍ ଛୁଆ ପ୍ରତ୍ୟୁଷାର୍ ଚିକିତ୍ସା ଲାଗି ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠି ନୁ ୫ ଲାଖ୍ ଟଙ୍କା ସାହାଜ୍‌କେ ମୁଖ୍ୟମନ୍ତ୍ରୀ ତୁର୍‌ତି ଅନୁମୋଦନ୍ କରିଛନ୍ ।

ସୁଭଦ୍ରା ଆର୍‌ଏନ୍‌ୟୁ/ କଟକ୍

ସୁଭଦ୍ରା ଯୋଜ୍ନାର୍ ପହେଲା କିସ୍ତିର୍ ୪ ନମ୍ବର୍ ଖେପ୍ ସାହାଜ୍ ଟଙ୍କା ପାଏବାର୍ ଲାଗି ହିତାଧିକାରୀମାନ୍‌କୁ ବେଙ୍କ୍ ଯାଇକରି ଏନ୍.ପି.ସି.ଆଇ. ଯାଂଚ୍ କର୍‌ବାର୍‌କେ ପରାମର୍ଶ ଦେଇଛନ୍ । ଆଏଜ୍ ଆର୍ ଆଏବା କାଏଲ୍ ଦୁଇଦିନ୍ ଧରିକରି ଇ ଯାଜ ପ୍ରକ୍ରିୟା କରାଯାଇପାର୍‌ବା । ପହେଲା କିସ୍ତିର୍ ୪ ନମ୍ବର୍ ଖେପ୍ ସାହାଜ୍ ଟଙ୍କା ଇ ମାସର୍ ୮ ତାରିଖ୍ ଦିନ ଦିଆଯିବା ବଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ । ଗଣମାଧ୍ୟମ୍‌କେ ସୂଚ୍ନା ଦେଇକରି ଶ୍ରୀମତୀ ପରିଡ଼ା କହିଛନ୍, ଇ ଖେପେ ଯାଜ୍‌ପୁର୍ ଜିଲ୍ଲାନୁ ସୁଭଦ୍ରା ସାହାଜ୍ ଟଙ୍କା ଦିଆଯିବା ।

ଇନ ଜନେଇ ଦିଆଯାଇପାରେ ଯେ, ଗଲାବଛର୍ ସେପ୍ଟେମ୍ବର୍ ୧୭ ତାରିଖ୍‌ଥି ସୁଭଦ୍ରା ଯୋଜ୍ନାର୍ ଶୁଭାରମ୍ଭ ହେଇଥିଲା । ଇହାଦେତକ୍ ୮୦ ଲାଖ୍ ହିତାଧିକାରୀ ସୁଭଦ୍ରା ଯୋଜ୍ନାର୍ ସାହାଜ୍ ଟଙ୍କା ପାଇସାରିଛନ୍ । ଆଏବା ମାର୍ଚ୍ଚ ମାସ ୮ ତାରିଖ୍ ଅନ୍ତର୍ଜାତୀୟ ମହିଳା ଦିବସ୍ ଦିନ ସୁଭଦ୍ରା ଯୋଜ୍ନାର୍ ୨ ନମ୍ବର୍ କିସ୍ତି ପହେଲା ଖେପ୍ ଟଙ୍କା ଦିଆଯିବା ବଲି ସର୍‌କାର୍ ଘୋଷ୍ନା କରିଛନ୍ ।

ବିକଶିତ୍ ଗାଁ ବିକଶିତ୍ ଓଡ଼ିଶା ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଆଏବା ୫ ତାରିଖ୍ ଦିନ ବିକଶିତ୍ ଗାଁ ବିକଶିତ୍ ଓଡ଼ିଶା ଯୋଜ୍ନାର୍ ଶୁଭାରମ୍ଭ ହେବା । ଖୋର୍ଦ୍ଧାର୍ ଜଙ୍କିଆର୍ ମିନି ଷ୍ଟାଡ଼ିୟମ୍ ଠାନେ ହେବାର୍କେ ଥିବା କାର୍ଯ୍ୟକ୍ରମ୍ଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଇତାର୍ ଶୁଭାରମ୍ଭ କର୍ବେ । ଫି’ ଜିଲ୍ଲା ଆର୍ ବ୍ଲକ୍ ସ୍ତର୍ ନ ଭିଲ୍ ଇ କାର୍ଯ୍ୟକ୍ରମ୍ ହେବା ବଲି ଜନାପଡ଼ିଛେ । ଜିଲ୍ଲାପାଲ୍ଙ୍କର୍ ସହେତେ ଜିଲ୍ଲା ପ୍ରଶାସନ୍ର ବରିଷ୍ଠ ଅଧିକାରୀମାନେ ଇଥି ଉପସ୍ଥିତ୍ ରହେବେ । ସେନ୍ତା ରାଜ୍ୟର୍ ୩ ଶହ ୧୪ ଟା ବ୍ଲକ୍ଥି ମୁଖ୍ୟ କାର୍ଯ୍ୟକ୍ରମ୍ର ସିଧା ପ୍ରସାରଣ୍ ହେବା ଆର୍ ଇଥିର୍ଲାଗି ଖାସ୍ ବ୍ୟବସ୍ଥା କର୍ବାର୍କେ ଓକାକ୍କେ ଦାୟିତ୍ୱ ଦିଆଯାଇଛେ ।

ଜେଇଇ ମେନ୍ -୨ ଆର୍ଏନ୍ୟୁ/ କଟକ୍

ବୈଷୟିକ ଶିକ୍ଷା କ୍ଷେତ୍ରଥି ନାଁଲେଖା ଲାଗି ହେବାର୍କେ ଥିବାର୍ ଯୁଗ୍ମ ପ୍ରବେଶିକା ପରୀକ୍ଷା ଜେଇଇ ମେନ୍ -୨ ଏପ୍ରିଲ୍ ୧ ନୁ ୮ ତାରିଖ୍ ଭିତ୍ରେ ହେବା । ଇଥିର୍ଲାଗି ଆବେଦନ୍ ପ୍ରକ୍ରିୟା ଜାରି ରହିଛେ ଆଉ ଆଏବା ୨୫ ତାରିଖ୍ ଦିନ ଇତାର୍ ଶେଷ୍ ଦିନ୍ ଧାରିଜ୍ କରାଯାଇଛେ । ଜେଇଇ ପହେଲା ମେନ୍ ପରୀକ୍ଷା ଦେଇଥିବା ଛାତ୍ରଛାତ୍ରୀମାନେ ତାଙ୍କର୍ ପୁର୍ନା ଆଇଡି ଆର୍ ପାସ୍ୱାର୍ଡ଼ ବେଭାର୍ କରିକରି ମେନ୍ -

୨ ପରୀକ୍ଷା ଦେଇପାର୍‌ବେ ବଲି ଏନ୍‌ଟିଏ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ମହାକୁମ୍ଭ- ମହାସ୍ନାନ           ଆର୍‌ଏନ୍‌ୟୁ/ ସମ୍ବଲପୁର

ଉତର୍‌ପ୍ରଦେଶ୍‌ର ପ୍ରୟାଗ୍‌ରାଜ୍‌ଠାନେ ଚାଲିଥିବା ମହାକୁମ୍ଭ ୨୦୨୫ ଥି ଆଏଜ୍ ୩ ନମ୍ବର୍ ସାହିସ୍ନାନ୍ ଚାଲୁଛେ । ମହାନିର୍ବାଣୀ ପଂଚାୟତି ଆଖଡ଼ା ଆର୍ ଶମ୍ଭୀ ପଂଚାୟତି ଅଟଳ ଆଖଡ଼ା ପହେଲା ତ୍ରିବେଣୀ ସଂଗମ୍ ଠାନେ ଶାହୀ ସ୍ନାନ୍ କରିଛନ୍ । ପହେଲା ୨ ଟା ଅମୃତ୍ ସ୍ନାନ୍ ଗଲା ମାସର୍ ୧୪ ତାରିଖ୍ ମକର୍ ସଂକ୍ରାନ୍ତି ଆର୍ ୨୯ ତାରିଖ୍ ମୌନୀ ଅମାବାସ୍ୟା ଦିନ ହେଇଥିଲା । ଗଲାକାଏଲ୍ ହେଇଥିବା ବସନ୍ତ ପଂଚ୍‌ମୀ ସ୍ନାନ୍ ଅବ୍‌ସରେ ପାଖାପାଖି ୧ କୋଟି ଶ୍ରଦ୍ଧାଳୁ ବୁଡ଼୍ ପକେଇଥିଲେ । ମହାକୁମ୍ଭ ମୁଲ୍ ହେବାର୍ ଦିନୁ ଆଏଜ୍‌ତକ୍ ପାଖାପାଖି ୩୫ କୋଟି ଲୋକ୍ ସଂଗମ୍ ନ ବୁଡ଼୍ ପକେଇଥିବାର୍ ଜନାପଡ଼ିଛେ ।

ମାଘ୍ ସପ୍ତମୀ -ଚନ୍ଦ୍ରଭାଗା ପୁଷ୍କରିଣୀ      ଆର୍‌ଏନ୍‌ୟୁ/ ସମ୍ବଲପୁର

ମାଘ୍ ସପ୍ତମୀ ଅବ୍‌ସରେ ଆଏବା କାଏଲ୍ କୋଣାର୍କ ପାଶେ ଥିବା ଚନ୍ଦ୍ରଭାଗା ପୁଷ୍କରିଣୀ ଠାନେ ମାଘ୍ ବୁଡ଼୍ ଲାଗି ବ୍ୟାପକ ତୟାରି କରାଯାଇଛେ । ପରମ୍ପରା ଅନ୍‌ସାରେ ମାଧିପୁର୍‌ର ଶ୍ରୀ ତ୍ରିବେଣୀସ୍ୱର ମହାଦେବ୍, ସନ୍ଥପୁର୍‌ର ଶ୍ରୀ ଐଶାନୈଶ୍ୱର୍ ମହାଦେବ୍, କୁରଜଙ୍ଗ୍‌ର ଦକ୍ଷିଣେଶ୍ୱର୍ ମହାଦେବ ସପ୍ତମୀ ଦିନ ପହପହନୁ ଚନ୍ଦ୍ରଭାଗା ନ ମହାସ୍ନାନ କର୍‌ବେ । ଇତାର୍‌ଉତ୍‌ରୁ ଶ୍ରଦ୍ଧାଳୁମାନେ ବୁଡ଼୍‌ପକାବେ । ଚନ୍ଦ୍ରଭାଗା ବୁଡ଼୍ ଲାଗି ଜବର୍ ଭିଡ଼୍ ହେବାର୍ ସମ୍ଭାବନା ଥିବାର୍‌ନୁ ପୁଲିସ୍ ତର୍‌ଫୁ ସ୍ୱତନ୍ତ୍ର ଟ୍ରାଫିକ୍ ବ୍ୟବସ୍ଥା କରାଯାଇଛେ ।

## ଜନଅଭିଯୋଗ୍ ଶୁଣାଣି ଶିବିର

ସମ୍ବଲପୁର/ ବୌଦ୍ଧ/ ସୋନ୍‌ପୁର୍/ ଦେବ୍‌ଗଡ଼୍

ପଶ୍ଚିମ ଓଡ଼ିଶାର୍ ଭିନ୍ ଭିନ୍ ଜିଲ୍ଲାନ ଆଏଜ୍ ମିଲିତ୍ ଜନଶୁଣାଣି ଶିବିର ହେଇଯାଇଛେ । ଜିଲ୍ଲାପାଲ୍ ଆର୍ ଏସ୍.ପି. ଶିବିରମାନ୍‌କେ ଉପସ୍ଥିତ୍ ରହିକରି ଅଭିଯୋଗ୍‌ମାନ୍‌କର୍ ସମାଧାନ୍ କର୍‌ବାର୍ ସହେତେ ଦର୍‌କାରୀ ପଦକ୍ଷେପ୍ ନେବାର୍‌କେ ବିଭାଗୀୟ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ ।

ବୌଦ୍ଧ ଜିଲ୍ଲା ସଦର୍ ବ୍ଲକ୍ କାର୍ଯ୍ୟାଳୟ ଠାନେ ହେଇଥିବା ଜିଲ୍ଲାପାଲ୍ ଆର୍ ଆରକ୍ଷୀ ଅଧିକ୍ଷକଙ୍କର୍ ଜନଶୁଣାଣି ଶିବିର୍‌ଥି ୪୪ ଟା ଅଭିଯୋଗ୍ ଆସିଥିଲା । ସେ ଭିତ୍‌ରୁ ୨୨ ଟା ଅଭିଯୋଗ୍‌ର ତୁର୍‌ତି ସମାଧାନ୍ କରାଯାଇଛେ ।

ଦେବ୍‌ଗଡ଼୍ ଜିଲ୍ଲାପାଲ୍‌ଙ୍କର୍ ବିକାଶ୍ ଭବନ୍ ସମ୍ମିଲନୀ କକ୍ଷ ଠାନେ  ହେଇଥିବା ଯୁଗ୍ମ ଜନଶୁଣାଣି ଶିବିରଥି ୧୨ ଟା ଅଭିଯୋଗ୍ ଶୁଣାଣି ହେଇଥିଲା । ଅଭିଯୋଗ୍ ମାନ୍‌କର୍ ତୁର୍‌ତି ସମାଧାନ୍ ଲାଗି ବିଭାଗୀୟ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦିଆଯାଇଥିଲା ।

ସୁବର୍ଣ୍ଣପୁର୍ ଜିଲ୍ଲା ସଦର୍ ବ୍ଲକ୍‌ସ୍ତରୀୟ ମିଳିତ ଜନଶୁଣାଣି ଆର୍ ଉପଶମ ଶିବିର ଜିଲ୍ଲା ପରିଷଦ୍ ସମ୍ମିଲନୀ କକ୍ଷ ଠାନେ ହେଇଯାଇଛେ । ଇଥି ୪୪ ଟା ଅଭିଯୋଗ୍ ପତ୍ର ଗ୍ରହଣ୍ କରାଯାଇଥିବାର୍ ବେଲେ ୪ ଟା ଦର୍‌ଖାସ୍ତର ସେହିଠାନେ ସମାଧାନ୍ କରାଯାଇଥିଲା ।

ସମ୍ବଲ୍‌ପୁର୍ ଜିଲ୍ଲା ମାନେଶ୍ୱର୍ ବ୍ଲକ୍ କାର୍ଯ୍ୟାଳୟ ଠାନେ ସମ୍ବଲ୍‌ପୁର୍ ଜିଲ୍ଲାପାଲ୍ ଆର୍ ଆରକ୍ଷୀ ଅଧିକ୍ଷକଙ୍କର୍ ଅଭିଯୋଗ ଶୁଣାଣି ଶିବିର ହେଇଯାଇଛେ । ଶିବିର୍ ନ ୨୨ ଟା ଅଭିଯୋଗ୍ ଆସିଥିବାର୍ ବେଲେ ୮ ଟା ଅଭିଯୋଗ୍‌ର ତୁର୍‌ତି ସମାଧାନ୍ କରାଯାଇଥିଲା ।

ନବନିଯୁକ୍ତ ଶିକ୍ଷକ୍ ଶିକ୍ଷୟିତ୍ରୀ କର୍ମଶାଳା          I&PR

ଓଡ଼ିଶା ବୈଷୟିକ ବିଶ୍ୱବିଦ୍ୟାଳୟ ପରିସର୍ ନ ବିଦ୍ୟାଳୟ, ଗଣଶିକ୍ଷା ବିଭାଗ୍ ଉଚ୍ଚମାଧମିକ ଶିକ୍ଷା ନିର୍ଦ୍ଦେଶାଳୟ, ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ୍ ପ୍ରାଧିକରଣ୍-

ଓସେପାର ମିଲିତ୍ ସହଯୋଗ୍‌ଥି ନୂଆଁକରି ନିଯୁକ୍ତି ପାଇଥିବା ଅନୁଦାନ୍ ପ୍ରାପ୍ତ ବେସର୍‌କାରୀ ସ୍ନାତକୋତର ଶିକ୍ଷକ୍ ଶିକ୍ଷୟିତ୍ରୀମାନ୍‌କର୍ ୫ ଦିନିଆ କର୍ମଶାଳା ଉଦ୍‌ଘାଟିତ୍ ହେଇଯାଇଛେ । ଇ କର୍ମଶାଳା ଆଏବା ୭ ତାରିଖ୍‌ତକ୍ ଚାଲ୍‌ବା । ଉଦ୍‌ଘାଟନୀ କାର୍ଯ୍ୟକ୍ରମ୍‌ଥି ଉଚ୍ଚମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର୍ ନିର୍ଦ୍ଦେଶକ୍ ଯୋଗ୍ ଦେଇକରି କର୍ମଶାଳାର୍ ଉଦ୍ଦେଶ୍ ଆର୍ ଭିନ୍ ଭିନ୍ ଅଧିବେଶନ୍ ବାବ୍‌ଦେ ସୂଚ୍‌ନା ଦେଇଥିଲେ ।

ଅତ୍ୟାଧୁନିକ୍ ବୈଷୟିକ ତାଲିମ୍ କେନ୍ଦ୍ର ଆର୍‌ଏନ୍‌ୟୁ/

ପଶ୍ଚିମ ଓଡ଼ିଶା ବିଦ୍ୟୁତ୍ ବିତରଣ୍ କମ୍ପାନୀ କାର୍ଯ୍ୟକ୍ଷେତ୍ର ନ ସୁରକ୍ଷା ଆର୍ ବୈଷୟିକ ଦକ୍ଷତା ଲାଗି ରାଉର୍‌କେଲା ସହରର୍ ହମିର୍‌ପୁର୍ ଠାନେ ଅତ୍ୟାଧୁନିକ୍ ବୈଷୟିକ ତାଲିମ୍ କେନ୍ଦ୍ରର ଶୁଭାରମ୍ଭ କରାଯାଇଛେ । କମ୍ପାନୀର୍ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରବୀଣ୍ ବର୍ମା ଇ ତାଲିମ୍ କେନ୍ଦ୍ରକେ ଉଦ୍‌ଘାଟନ୍ କରିଛନ୍ । ଇ ତାଲିମ୍ କେନ୍ଦ୍ର‌ଥି କମ୍ପାନୀର୍ କର୍ମଚାରୀମାନ୍‌କୁ ସୁରକ୍ଷା ସଙ୍ଗେ ଦକ୍ଷତାର୍ ସହେତେ ସେମାନ୍‌କର୍ କାମ୍ କର୍‌ବାର୍ ଲାଗି ଦର୍‌କାରୀ କୌଶଲ୍ ବାବ୍‌ଦେ ତାଲିମ୍ ଦେବା ।

ତୋଷାଳି ମହୋତ୍ସବ୍ ଉଦ୍‌ଯାପିତ୍ ହି.ସ.

ବଲାଙ୍ଗିର୍ ଜିଲ୍ଲା ତୁଷ୍‌ରା ଠାନେ ଚାଲିଥିବା ୪ ନମ୍ବର୍ ତୋଷାଳି ମହୋତ୍ସବ୍ ଗଲାକାଏଲ୍ ଉଦ୍‌ଯାପିତ୍ ହେଇଯାଇଛେ । ଉଦ୍‌ଯାପନୀ ଉତ୍ସବ୍‌ଥି ସ୍ୱାସ୍ଥ୍ୟ ମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ ଯୋଗ୍ ଦେଇକରି ଅଂଚଲ୍‌ର କଳା ସଂସ୍କୃତିକେ ପ୍ରଚାର୍ ଆର୍ ପ୍ରସାର୍ ଦିଗେ ଇ ମହୋତ୍ସବ୍‌ର ବଡ଼୍ ଭୂମିକା ରହିଛେ ବଲି କହିଥିଲେ । କାର୍ଯ୍ୟକ୍ରମ୍‌ଥି ସମ୍ମାନିତ୍ ଅତିଥି ଭାବେ ବିଧାୟକ୍ ନବୀନ୍ ଜୈନ୍ ଯୋଗ୍ ଦେଇଥିଲେ ।

ଭାରତ୍-ଇଂଲଣ୍ଡ୍ ମେଚ୍- ଟିକେଟ୍ ବିକ୍ରି ଆର୍‌ଏନ୍‌ୟୁ/ ସମ୍ବଲପୁର

କଟକ୍ ବାରବାଟୀ ଷ୍ଟାଡ଼ିୟମ୍ ଠାନେ ଆଏବା ୯ ତାରିଖ୍ ହେବାର୍‌କେ ଥିବା ଭାରତ୍-ଇଂଲଣ୍ଡ୍ ଦିନ୍‌କିଆ କ୍ରିକେଟ୍ ମେଚ୍ ଲାଗି ଅନ୍‌ଲାଇନ୍‌ଥି ଟିକେଟ୍ ବିକ୍ରି ଶେଷ୍ ହେଇଛେ । ୨ ନମ୍ବର୍ ଗେଲେରୀ ଲାଗି ୧ ହଜାର୍ ୭୦, ୪ ନମ୍ବର୍ ଗେଲେରୀ ଲାଗି ୧ ହଜାର୍ ୮୦, ୭ ନମ୍ବର୍ ଗେଲେରୀ ଲାଗି ୧ ହଜାର୍ ୫ ଶହ ଖାସ୍ ଏନ୍‌କ୍ଲୋଜର୍‌ର ୨ ଶହ ଟା, ଏସ୍‌ସି ବକ୍ସ ୫୦ ଟା ଆର୍ ନୂଆଁ ପାଭିଲିଅନ୍ ଲାଗି ଶହେ ଟା ଟିକଟ୍ ବିକ୍ରି ହେଇଥିବାର୍ ଜନାପଡ଼ିଛେ । ସେଆଡ଼େ ଆଏବା ୫ ଆର୍ ୬ ତାରିଖ୍ ଦିନ ବାରବାଟୀ ଷ୍ଟାଡ଼ିୟମ୍ କାଉଂଟର୍ ନ ଅଫ୍‌ଲାଇନ୍ ଟିକେଟ୍ ବିକ୍ରି ହେବା ବଲି ବିସିସିଆଇ ତରଫୁ ସୂଚ୍‌ନା ଦିଆଯାଇଛେ ।

ଜାତୀୟ କ୍ରୀଡ଼ା ପ୍ରତିଯୋଗିତା        ଆର୍ଏନ୍ୟୁ/ସମ୍ବଲ୍ପୁର୍

ଉତରାଖଣ୍ଡ୍ ନ ଚାଲିଥିବା ଜାତୀୟ କ୍ରୀଡ଼ା ପ୍ରତିଯୋଗିତାର୍ ପହଁରା ଥି ଓଡ଼ିଶାର୍ ପ୍ରତ୍ୟାଶା ବ୍ୟକ୍ତିଗତ ଦୁଇ ନମ୍ବର୍ ପଦକ୍ ହାସଲ୍ କରିଛନ୍ । ମହିଳା ୨ ଶହ ମିଟର୍ ବେକ୍ଷ୍ଟ୍ରୋକ୍ ବିଭାଗ୍ଥି ପ୍ରତ୍ୟାଶା ବ୍ରୋଂଚ୍ ପଦକ୍ ହାସଲ୍ କରିଛନ୍ । ଆଘୋନୁ ୨ ଶହ ମିଟର୍ ବେକ୍ଷ୍ଟ୍ରୋକ୍ ବିଭାଗ୍ଥି ସେ ପହେଲା ବ୍ରୋଂଚ୍ ପଦକ୍ ହାସଲ୍ କରିଥିଲେ । ସେନ୍ତା ମହିଳା ଫୁଟ୍ବଲ୍ ପ୍ରତିଯୋଗିତାଥି ଓଡ଼ିଶା ଦଲ୍- ସିକିମ୍କେ ହରେଇକରି ସେମିଫାଇନାଲ୍କେ ଯାଇଛେ । ଆଏବା କାଏଲ୍ ସେମିଫାଇନାଲ୍ଥି ଓଡ଼ିଶା ଆର୍ ଦିଲ୍ଲୀ ଭିତ୍ରେ ମୁକାବିଲା ହେବା ।

ାବା କପ୍ ଫୁଟ୍ବଲ୍ ଟୁର୍ଣ୍ଣାମେଂଟ        ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ସର୍ସରା ଠାନେ ହେଇଥିବା ରାଜ୍ୟସ୍ତରୀୟ ବାବା କପ୍ ଫୁଟ୍ବଲ୍ ଟୁର୍ଣ୍ଣାମେଂଟ୍ଥି ଅନୁଗୁଲ୍ ଦଲ୍ ଚମ୍ପିଅନ୍ ହେଇଛେ । ଅନୁଗୁଲ୍ ଦଲ୍ ଟାଇବ୍ରେକର୍ ୪-୩ ଗୋଲ୍ଥି ଭଞ୍ଜନଗର୍ ଦଲ୍କେ ହରେଇଛେ । କାର୍ଯ୍ୟକ୍ରମ୍ଥି ମୁଖ୍ୟଅତିଥି ଭାବେ ବୌଦ୍ଧ ବିଧାୟକ୍ ସରୋଜ୍ ପ୍ରଧାନ୍ ଯୋଗ୍ ଦେଇକରି ଦୁହି ଦଲ୍କେ ପୁରସ୍କୃତ କରିଥିଲେ ।

ପାଣିପାଗ      ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ବଢୁଛେ ତାତି । ଗଲା ୨୪ ଘଂଟା ଭିତ୍‌ରେ ରାଜ୍ୟର୍ ଗୁଟେ ଜୁଡ଼େ ଜାଗାକେ ଛାଡ଼ିକରି ବାକି ଜାଗାମାନ୍‌କେ ଦିନର୍ ସବୁନୁ ଜହ ତାପମାତ୍ରା ୩୩ ଡିଗ୍ରୀ ଉପ୍‌ରେ ଥିଲା । ଆଏଜ୍ ପାରଳାଖେମୁଣ୍ଡି ନ ସବୁନୁ ଜହ ତାତି ୩୬ ଦଶ୍‌ମିକ୍ ୬ ଡିଗ୍ରୀ ରେକର୍ଡ଼ କରାଯାଇଥିବାର୍ ବେଲେ ବଲାଙ୍ଗିର୍ ନ ୩୬, ସୁନ୍ଦର୍‌ଗଡ଼୍  ନ ୩୫ ଦଶ୍‌ମିକ୍ ୪, ସମ୍ବଲ୍‌ପୁର୍ ନ ୩୫ ଦଶ୍‌ମିକ୍ ୨ ଡିଗ୍ରୀ ସେଲ୍‌ସିଅସ୍ ରେକର୍ଡ଼ କରାଯାଇଛେ ।